# NATIONAL NEWS BULLETIN (ODIA)

**4 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- କେରଳମ୍ ବିଧାନସଭା ନିର୍ବାଚନ ପାଇଁ ଜୋର୍ ଧରିଛି ପ୍ରଚାର କାର୍ଯ୍ୟ

–ଆଜି ଅପରାହ୍ନରେ ତିରୁଭଲ୍ଲା ଏବଂ ତିରୁବନନ୍ତପୁରମ୍‌ଠାରେ ଜନସମାବେଶକୁ ସମ୍ବୋଧନ କରିବେ ପ୍ରଧାମନ୍ତ୍ରୀ

- ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗରେ ଅତିରିକ୍ତ ୬ ହଜାର ୬୬୦ଟି ମତଦାନ କେନ୍ଦ୍ର ସ୍ଥାପନ ପ୍ରସ୍ତାବକୁ ଅନୁମୋଦନ କଲେ ନିର୍ବାଚନ କମିଶନ

- ହର୍ମୁଜ ପ୍ରଣାଳୀ ଅତିକ୍ରମ କଲା ଭାରତୀୟ ପତାକାଯୁକ୍ତ ଆଉ ଏକ ଏଲ୍‌ପିଜିବାହୀ ଜାହାଜ ଗ୍ରୀନ୍ ସାନ୍‌ଭି

- ମହାରାଷ୍ଟ୍ରର ନାସିକ୍ ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଖେଳାଯିବ ୨ଟି ମ୍ୟାଚ୍

---

## କେରଳମ୍ ପୋଲ୍ କ୍ୟାମ୍ପେନ୍

କେରଳମ୍ ରେ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋର ଧରିଛି । ଆସନ୍ତା ୯ ତାରିଖରେ ସେଠାରେ ମତଦାନ ଅନୁଷ୍ଠିତ ହେବ ।

ପ୍ରମୁଖ ରାଜନୈତିକ ଦଳଗୁଡ଼ିକର ଶୀର୍ଷ ନେତୃବୃନ୍ଦ ନିଜ ନିଜ ଦଳର ପ୍ରାର୍ଥୀଙ୍କ ସପକ୍ଷରେପ୍ରଚାର କରିବାକୁ କେରଳମ୍ ଗସ୍ତ କରୁଛନ୍ତି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନରେ ନିର୍ବାଚନ ପ୍ରଚାରରେ ତିରୁଭଲ୍ଲା ଏବଂ ଥିରୁବନନ୍ତପୁରମ୍ ଠାରେ ଜନସମାବେଶରେ ଯୋଗଦେବେ । ପ୍ରଥମେ ତିରଭଲ୍ଲା ଷ୍ଟାଡିୟମ୍‌ଠାରେ ସାଧାରଣ ସଭାକୁ ସମ୍ବୋଧନ କରିବା ପରେ ଶ୍ରୀ ମୋଦୀ ଥିରୁବନନ୍ତପୁରମ୍‌ଠାରେ ପହଞ୍ଚିବେ । ସେଠାରେ କର୍ମଣାରୁ କିଲିପାଲମ୍ ପର୍ଯ୍ୟନ୍ତ ଏକ ରୋଡ୍‌ଶୋ'ରେ ଅଂଶ ଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

ଅନ୍ୟପକ୍ଷରେ ଲୋକସଭାରେ ବିରୋଧୀଦଳ ନେତା ତଥା ବରିଷ୍ଠ କଂଗ୍ରେସ ସଦସ୍ୟ ରାହୁଲ ଗାନ୍ଧୀ ଆଲାପୁଝାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି । ଇଡୁକି ଏବଂ ଏର୍ଣ୍ଣାକୁଲମ୍ ଜିଲ୍ଲାର କେତେକ କାର୍ଯ୍ୟକ୍ରମରେ ଶ୍ରୀ ଗାନ୍ଧୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଆସନ୍ତା ମଙ୍ଗଳବାର ଦିନ କେରଳମ୍‌ଠାରେ ନିର୍ବାଚନ ପ୍ରଚାର ଶେଷହେବ ।

## ଟିଏନ୍-ପିଏମ୍ ଭିଜିଟ୍

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଳର ବରିଷ୍ଠ ନେତାଙ୍କ ସହ ଆଜି ରୁଦ୍ଧଦ୍ୱାର ବୈଠକ କରିଛନ୍ତି । ରମେଶ ବିନାୟକମ୍ ଓ ତାଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି । ଶ୍ରୀ ବିନାୟକ ଜଣେ ସଂଗୀତ ରଚୟିତା, ଶିକ୍ଷକ ଏବଂ ସଂଗୀତ ଚିକିତ୍ସକ ମଧ୍ୟ । ଜଣେ ପ୍ରଚ୍ଛଦପଟ ଗାୟକ ଭାବେ ତାଙ୍କର ବେଶ୍ ସୁନାମ ରହିଛି । ଶ୍ରୀ ବିନାୟକମ୍ ଗାମାକାବକ୍ସ ନିଜର ଗବେଷଣାତ୍ମକ ନିଷ୍କର୍ଷକୁ ସେ ପେଟେଣ୍ଟ କରିଛନ୍ତି । ରୁଦ୍ଧଦ୍ୱାର ବୈଠକରେ ଶ୍ରୀ ମୋଦୀ କେନ୍ଦ୍ରମନ୍ତ୍ରୀ ଡକ୍ଟର ଏଲ୍.ମୁରୁଗନ,

ପୂର୍ବତନ ରାଜ୍ୟପାଳ ତାମିଲ ସାଇ ସୁନ୍ଦରରାଜନ, ଦଳର ରାଜ୍ୟସଭାପତି ନୈନାର ନାଗେନ୍ଦ୍ରନ୍, ପୂର୍ବତନ ରାଜ୍ୟ ବିଜେପି ନେତା ଆନା ମଲାଇ ଏବଂ ବନଥି ଶ୍ରୀନିବାସନ୍ଙ୍କ ସହ ଆଲୋଚନା କରିଛନ୍ତି ।

## ଇସି-ୱେଷ୍ଟବେଙ୍ଗଲ

ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗରେ ୪ ହଜାର ୬୬୦ଟି ଅତିରିକ୍ତ ମତଦାନ କେନ୍ଦ୍ର ପ୍ରସ୍ତୁତି ସଂକ୍ରାନ୍ତ ପ୍ରସ୍ତାବକୁ ନିର୍ବାଚନ କମିଶନ ମଂଜୁରୀ ପ୍ରଦାନ କରିଛନ୍ତି । ୧୨ଶହରୁ ଅଧିକ ଭୋଟର ସଂଖ୍ୟା ଥିବା କ୍ଷେତ୍ରରେ ଅତିରିକ୍ତ ମତଦାନ କେନ୍ଦ୍ର ପ୍ରତିଷ୍ଠାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।ମତଦାତାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୩୨୧ଟି ମତଦାନ କେନ୍ଦ୍ରକୁ ସ୍ଥାନାନ୍ତର କରିବା ନେଇ ମଧ୍ୟ କମିଶନ ମଂଜୁରୀ ପ୍ରଦାନ କରିଥିବା ଜଣାପଡ଼ିଛି । ଅତିରିକ୍ତ ମତଦାନ କେନ୍ଦ୍ରକୁ ମିଶାଇ ପଶ୍ଚିମବଙ୍ଗରେ ମୋଟ୍ ବୁଥ୍ ସଂଖ୍ୟା ୮୫ ହଜାର ୩୭୯କୁ ବୃଦ୍ଧି ପାଇଛି । ଅନୁମୋଦନ ସଂକ୍ରାନ୍ତ ତଥ୍ୟ ଚିଠି ମାଧ୍ୟମରେ ନିର୍ବାଚନ କମିଶନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇଛନ୍ତି । ମତଦାନ କେନ୍ଦ୍ର ଏବଂ ଅତିରିକ୍ତ ମତଦାନ କେନ୍ଦ୍ରଗୁଡ଼ିକ ସଂପର୍କରେ ମତଦାତାଙ୍କୁ ଅଧିକରୁ ଅଧିକ ସୂଚନା ଦେବା ଲାଗି ପଦକ୍ଷେପ ଗ୍ରହଣ କରିବାକୁ କମିଶନ ପରାମର୍ଶ ଦେଇଛନ୍ତି । ଦୁଇଟି ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ହେବାକୁ ଥିବା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଆସନ୍ତା ୨୩ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୯ ତାରିଖରେ ଅନୁଷ୍ଠିତ ହେବ ।

## ରିଜିଜୁ-ଏଫ୍‌ସିଆରଏ

ବିଦେଶୀ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍ ଏଫ୍‌ସିଆର୍‌ଏ ସଂପର୍କରେ ରହିଥିବା ଯେକୌଣସି ଭୁଲ୍ ବୁଝାମଣାର ସମାଧାନ କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି। ତେବେ ଏହି ଆଇନର ଉଲ୍ଲଂଘନ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି । ଦେଶର କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ସଂଗଠନଗୁଡ଼ିକ ଏଥିପାଇଁ କୌଣସି ପ୍ରକାର ଆଶଙ୍କା ନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଶ୍ରୀ ରିଜିଜୁ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଅଙ୍ଗୀକାରବଦ୍ଧ । ଖ୍ରୀଷ୍ଟିଆନ୍ ମିଶନାରୀଙ୍କ ପକ୍ଷରୁ ଚିନ୍ତାପ୍ରକଟ କରାଯାଇଥିବା ପ୍ରସଙ୍ଗଗୁଡ଼ିକ ଉପରେ ମଧ୍ୟ ବିଚାରବିମର୍ଶ କରାଯିବ ବୋଲି ଶ୍ରୀ ରିଜିଜୁ ସୂଚନା ଦେଇଛନ୍ତି । କେରଳମ୍ ଗସ୍ତ ଅବସରରେ ଶ୍ରୀ ରିଜିଜୁ ବିଭିନ୍ନ ବର୍ଗର ଅଂଶୀଦାରଙ୍କ ସହ ଏ ନେଇ ମତ ବିନିମୟ କରିଛନ୍ତି । ରାଜନୈତିକ ଫାଇଦା ପାଇଁ ବିଭିନ୍ନ ଦଳ ପକ୍ଷରୁ ଭୁଲ୍ ସୂଚନା ପ୍ରସାରଣକରାଯାଇଥିବାର ସେ ଅଭିଯୋଗ କରିଛନ୍ତି । ଭାରତରେ ସମସ୍ତ ପ୍ରକାର ବିଦେଶୀ ଅନୁଦାନ ଏଫ୍‌ସିଆର୍‌ଏ ଢ଼ାଞ୍ଚା ଅଧୀନରେ ନିୟନ୍ତ୍ରିତ ହୋଇଥାଏ ବୋଲି ଶ୍ରୀ ରିଜିଜୁ ସ୍ପଷ୍ଟ କରିଛନ୍ତି ।

---

## ଏଲ୍‌ପିଜି ଟ୍ୟାଙ୍କର-ହର୍ମୁଜ

ଭାରତୀୟ ପତାକାଯୁକ୍ତ ଆଉ ଏକ ଏଲ୍‌ପିଜି ବାହୀ ଜାହାଜ ଗ୍ରୀନ୍ ସାନ୍‌ଭୀ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଭାରତ ଅଭିମୁଖେ ଯାତ୍ରା କରୁଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପଶ୍ଚିମ ଏସିଆ ସଂଘର୍ଷ ଆରମ୍ଭ ହେବାପରଠାରୁ ଗ୍ରୀନ୍ ସାନ୍‌ଭୀକୁ ମିଶାଇ ୭ଟି ଏଲ୍‌ପିଜିବାହୀ

ଜାହାଜ ଇତିମଧ୍ୟରେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିସାରିଛି । ପଶ୍ଚିମ ପାରସ୍ୟ ଉପସାଗରରେ ୪ଶହରୁ ଅଧିକ ଭାରତୀୟ ନାବିକଙ୍କ ସହ ୧୭ଟି ଭାରତୀୟ ପତାକାଯୁକ୍ତ ଜାହାଜ ଏବେ ସେଠାରେ ଅପେକ୍ଷାରତ ଅଛନ୍ତି । ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଜାହାଜଗୁଡ଼ିକୁ ଆଣିବା ନେଇ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି ।

# ନାସିକ୍ ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ନାସିକ୍ ଜିଲ୍ଲାରେ ଗତକାଲି ବିଳମ୍ବିତ ରାତ୍ରିରେ ଏକ ସଡ଼କ ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଛି । ପ୍ରାଥମିକ ସୂଚନା ଅନୁଯାୟୀ ଗୋଟିଏ ପରିବାରର ଏହି ସଦସ୍ୟମାନେ ଏକ ସାମାଜିକ ସମାବେଶରୁ ଫେରୁଥିବା ବେଳେ ଦିଣ୍ଡୋରୀ ତାଲୁକା ଅନ୍ତର୍ଗତ ଇନ୍ଦୋର ଗ୍ରାମ ନିକଟରେ ଏକ ଖାତରେ ଗଳିପଡ଼ିବାରୁ ଏହି ଦୁର୍ଘଟଣା ଘଟିଥିଲା । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା । ଏନ୍‌ଡିଆରଏଫ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ ।

ଏହି ଦୁର୍ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ୍ ମୃତକଙ୍କ ନିକଟ ସଂପର୍କୀୟଙ୍କ ଲାଗି ୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

# ରାୟପୁର-ଜୟଶଙ୍କର

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ସାଂପ୍ରତିକ ବିଶ୍ୱ ଅସ୍ଥିରତା କେବଳ ପରିସ୍ଥିତିଗତ ନୁହେଁ, ବରଂ ବ୍ୟବସ୍ଥାଗତ ଚିନ୍ତାଧାରାର ଏକ ପ୍ରତିଫଳନ । ବିଶ୍ୱ ଏବେ କ୍ରମବିକାଶର ପରିବର୍ତ୍ତନ ଦେଇ ଗତିକରୁଥିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଆଇଆଇଏମ୍

ରାୟପୁରର ପଞ୍ଚଦଶ ସମାବର୍ତ୍ତନ ସମାରୋହକୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର କହିଛନ୍ତି, କେତେକ କ୍ଷେତ୍ରରେ ରାଜନୈତିକ ବ୍ୟବସ୍ଥା ଏଭଳି ପରିବର୍ତ୍ତନକୁ ଆପଣେଇ ପାରୁନାହାନ୍ତି । ବିଭିନ୍ନ ରାଷ୍ଟ୍ରରେ ଆପେକ୍ଷିକ ଶକ୍ତି ଏବଂ ପ୍ରଭାବରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ପ୍ରଯୁକ୍ତିବିଦ୍ୟା, ଶକ୍ତି, ସାମୟିକ ଦକ୍ଷତା, ଯୋଗାଯୋଗ ଏବଂ ସମ୍ବଳ ବ୍ୟବହାରରେ ଦ୍ରୁତ ଉନ୍ନତି ଯୋଗୁଁ ସୃଷ୍ଟ ବର୍ଦ୍ଧିତ ପ୍ରତିଯୋଗିତା ବିଶ୍ୱ ଅସ୍ଥିରତାର ଏକ ପ୍ରମୁଖ କାରଣ ହେଉଛି । ସାଂପ୍ରତିକ ପରିସ୍ଥିତିରେ ନିଜକୁ ସୁରକ୍ଷିତ ରଖିବାରେ ଆହ୍ୱାନ ସୃଷ୍ଟି ହୋଇଛି । ବ୍ୟାବସାୟିକ ନିଷ୍ପତ୍ତି କିମ୍ବା ବୈଦେଶିକ ନୀତି ପ୍ରଣୟନ କ୍ଷେତ୍ରରେ ଏହିସବୁ ଆହ୍ୱାନଗୁଡ଼ିକର ଦୃଢ଼ ମୁକାବିଲାର ଆବଶ୍ୟକତା ଉପରେ ଡକ୍ଟର ଜୟଶଙ୍କର ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ଡ୍ୟୁଟି ଏକ୍ଜେମ୍ସନ

ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପେଟ୍ରୋକେମିକାଲ୍ସ ଉତ୍ପାଦ ଉପରେ ସୀମା ଶୁଳ୍କ ଛାଡ଼ ସଂକ୍ରାନ୍ତ ସରକାରଙ୍କ ନିଷ୍ପତ୍ତିକୁ ଶିଳ୍ପ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି । ଗଣମାଧ୍ୟମ ସହ ଆଲୋଚନ ବେଳେ ଇନ୍‌ଭଲ୍ୟୁସନ୍ ହେଲଥ୍ କେୟାର ପ୍ରାଇଭେଟ୍ ଲିମିଟେଡ୍ ଜେନେରାଲ୍ ମ୍ୟାନେଜର ରବି ରାଠୋର କହିଛନ୍ତି, ଏଭଳି ପଦକ୍ଷେପ ଉତ୍ପାଦନ କ୍ଷେତ୍ରରେ ନିରନ୍ତରତାକୁ ସୁନିଶ୍ଚିତ କରିବା ସହୀତି ଅତ୍ୟାବଶ୍ୟକ ଚିକିତ୍ସା ଉପକରଣର ମୂଲ୍ୟବୃଦ୍ଧିକୁ ପ୍ରତିହତ କରିପାରିବ ।

ଭିକ୍ଟୋରା ଟୁଲ୍ସର ଅଧ୍ୟକ୍ଷ ଏସ୍.ଏସ୍. ବାଙ୍ଗା କହିଛନ୍ତି, ଏହି ନିଷ୍ପତ୍ତି ଇନ୍‌ପୁଟ୍ ଖର୍ଚ୍ଚ ହ୍ରାସ କରିବା ସହିତ ସାମଗ୍ରୀ ଉପଲବ୍ଧତାରେ ଉନ୍ନତି

ଆଣିବ । ଘରୋଇ ଏବଂ ରପ୍ତାନୀ କ୍ଷେତ୍ରକୁ ଏହା ଅଧିକ ସଯୋଗ ପ୍ରଦାନ କରିବ ବୋଲି ସେ କହିଛନ୍ତି ।

**V/O**

# ୟୁପି ଆଇଏସ୍ଆଇ ଏଜେଣ୍ଟ

ଉତ୍ତରପ୍ରଦେଶରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ଏକ ର୍ୟାକେଟ୍‌କୁ ପୋଲିସ୍ ପ୍ରତିହତ କରିଛି । ଆଇଏସ୍ଆଇ ଗୋଷ୍ଠୀ ସହ ସହଯୋଗ ସ୍ଥାପନ କରି ଉତ୍ତରପ୍ରଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିସ୍ଫୋରଣ ଘଟାଇବା ପାଇଁ ଏହି ର୍ୟାକେଟ୍ କାର୍ଯ୍ୟ କରୁଥିଲା । ଏଥିରେ ସଂଶ୍ଳିଷ୍ଟ ଥିବା ଅଭିଯୋଗରେ ଲକ୍ଷ୍ନୌରୁ ୪ ଜଣଙ୍କୁ ଗିରଫ କରାଯାଇଛି । ଉତ୍ତରପ୍ରଦେଶର ଆତଙ୍କବାଦ ନିରୋଧୀ ସଂସ୍ଥା ଗିରଫ ହୋଇଥିବା ସନ୍ଦିଗ୍ଧଙ୍କ ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିଛି । ରେଳ ଷ୍ଟେସନ୍, ଗ୍ୟାସ୍ ସିଲିଣ୍ଡର ବୋଝେଇ ଯାନବାହାନ କେତେକ ପ୍ରତିଷ୍ଠିତ ସଂଗଠନ ପରିସରରେ ବିସ୍ଫୋରଣ ଘଟାଇ ଆତଙ୍କ ଖେଳାଇବାକୁ ସେମାନେ ଯୋଜନା କରୁଥିବା ଜଣାପଡ଼ିଛି । ସେମାନଙ୍କ କାର୍ଯ୍ୟକଳାପ ବିଷୟରେ ସୂଚନା ମିଳିବା ପରେ ପୋଲିସ୍ ପକ୍ଷରୁ ସଫଳତାର ସହ ଏହାକୁ ପ୍ରତିହତ କରାଯାଇ ପାରିଛି ବୋଲି ଆତଙ୍କବାଦ ନିରୋଧୀ ସଂସ୍ଥା ସୂଚନା ଦେଇଛି । ସେମାନଙ୍କଠାରୁ ୭ଟି ମୋବାଇଲ୍ ଫୋନ୍, ପ୍ରଚାରପତ୍ର, ଆଧାରକାର୍ଡ ଏବଂ ରାସାୟନିକ ପଦାର୍ଥ ଭର୍ତ୍ତିଥିବା ଏକ କେନ୍ ଜବତ କରାଯାଇଛି ।

# ଇରାନ୍-ଆକ୍ୟୁଜେସ୍ ଆଇଆଇଏ

ଇରାନ୍‌ର ପରମାଣୁ ଭିତ୍ତିଭୂମି ଉପରେ ସାମରିକ ଆକ୍ରମଣକୁ ପ୍ରତିହତ କରିବାରେ ବିଫଳ ହେବା ପରେ ଏଥିରେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି

ଏଜେନ୍ସି ଜଡିତ ଥିବା ଇରାନର ପରମାଣୁ ଶକ୍ତି ସଂଗଠନ ଅଭିଯୋଗ କରିଛି । ସେଠାକାର ସରକାରୀ ଟେଲିଭିଜନ୍‌ରେ ପ୍ରସାରିତ ତଥ୍ୟ ଅନୁଯାୟୀ ଇରାନ୍ ଦାବି କରିଛି, ସମ୍ପ୍ରତି ଆମେରିକା-ଇସ୍ରାଏଲ ଆକ୍ରମଣ ବିରୋଧରେ କହିବାକୁ ବିଶ୍ୱସ୍ତରୀୟ ପର୍ଯ୍ୟବେକ୍ଷକଙ୍କ ମନା କରିବା ନେଇ ସନ୍ଦେହ ପ୍ରକାଶ ପାଇଛି । ସାମାଜିକ ଗଣମାଧ୍ୟମରେ ସେୟାର କରାଯାଇଥିବା ଏକ ବିବୃତ୍ତି ଅନୁଯାୟୀ ଇରାନ୍ ପରମାଣୁ ଶକ୍ତି ସଂଗଠନର ମୁଖ୍ୟ ମହମ୍ମଦ ଇସ୍‌ଲାମି ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂଗଠନର ନିର୍ଦ୍ଦେଶକ ଜେନେରାଲ ରାଫେଲ ଗ୍ରୋସିଙ୍କ ସହ ନିରନ୍ତର ଯୋଗାଯୋଗ କରିଛନ୍ତି। ଇସଲାମି ଇରାନ୍‌ର ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ଲକ୍ଷ୍ୟ କରି ହେଉଥିବା ଆକ୍ରମଣକୁ ଅବୈଧ ବୋଲି ଆନୁଷ୍ଠାନିକ ଭାବରେ ନିନ୍ଦା କରିବାକୁ ଅନୁରୋଧ କରିଛନ୍ତି।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅପରାହ୍ଣ ୩ଟା ୩୦ରେ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ଧ୍ୟା ୭ଟା ୩୦ରେ ଗୁଜରାଟର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ରାଜସ୍ଥାନ ରୟାଲ୍ସ ଏବଂ ଗୁଜୁରାଟ ଟାଇଟାନ୍ସ ପରସ୍ପରକୁ ଭେଟିବେ ।

ଗତକାଲିର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ପାଞ୍ଚ ୱିକେଟରେ ଚେନ୍ନାଇ ସୁପର କିଙ୍ଗସ୍‌କୁ ପରାସ୍ତ କରିଛି।